ଜଳସେଚନ ପାଇଁ ଆଗାମୀ ୫ ବର୍ଷ ଭିତରେ ୭୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବା ପ୍ରସଙ୍ଗରେ

# ବିଜେଡି ଚାଷୀମାରଣ ଓ ଠିକାଦାର ପୋଷଣ ନୀତି ଆପଣେଇଛି : ବିଜେପି

- **ମୁଖ୍ୟମନ୍ତ୍ରୀ କେବଳ ନୂଆ ନୂଆ ଯୋଜନା ଘୋଷଣା କରି ନିଜର ଆତ୍ମପ୍ରଚାର କରିଚାଲିଛନ୍ତି**
- **ଠିକାଦାର ମାନଙ୍କୁ ଅନୁକଂପା ଦେଖାଇବାକୁଯାଇ ବିଜେଡି ସରକାର ପ୍ରକଳ୍ପର ସମୟସୀମା ବଢାଇ ନିର୍ବାଚନ ପାଇଁ ପାଣ୍ଠି ସଂଗ୍ରହ କରିବାରେ ଲାଗିଛି**
- **ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆଉ ନୂଆ ସ୍ୱପ୍ନ ନଦେଖାଇ ୧୯ ବର୍ଷରେ କ'ଣ କରିଛନ୍ତି ତା'ର ହିସାବ ରାଜ୍ୟବାସୀଙ୍କୁ ଦିଅନ୍ତୁ**

**ଭୁବନେଶ୍ୱର, ତା୨୬/୭ :** ଦୀର୍ଘ ୧୮ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଉଭୟ ଗୃହ ଓ ଜଳସେଚନ ବିଭାଗ ସଂପୂର୍ଣ୍ଣରୂପେ ଫେଲ୍ ମାରିଛି । ମୁଖ୍ୟମନ୍ତ୍ରୀ କେବଳ ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରି ଚାଲିଛନ୍ତି । ପ୍ରତିଦିନ ମୁଖ୍ୟମନ୍ତ୍ରୀ କେବଳ ନୂଆ ନୂଆ ଯୋଜନା ଘୋଷଣା କରି ନିଜର ଆତ୍ମପ୍ରଚାର କରିଚାଲିଛନ୍ତି । ଗତକାଲି ସେହିପରି ଜଳସେଚନ ପାଇଁ ଆଗାମୀ ୫ ବର୍ଷ ଭିତରେ ୭୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବା ବିଜେଡିର ଚାଷୀମାରଣ ଓ ଠିକାଦାର ପୋଷଣ ନୀତିର ଆଉ ଏକ ନମୂନା ବୋଲି ରାଜ୍ୟ ବିଜେପି ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି ।

ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ରୁକୁରା ପ୍ରକଳ୍ପ ଶେଷ ହେବାକୁ ୯ ବର୍ଷ ସମୟ ଲାଗିଥିଲା । ଏହାର ବଜେଟ୍ ୧୫୫ କୋଟିରୁ ୩୦୦ କୋଟିରେ ପହଂଚିଥିଲା । ସେହିପରି ଆଜି ଉଦଘାଟନ ହୋଇଥିବା ଗୁରୁପ୍ରିୟା ସେତୁର ଟେଣ୍ଡର ସବୁଠୁ ଅଧିକ ଅର୍ଥରେ ଦିଆଯାଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡୁଛି କି ଏଠି ସାଧାରଣ ଲୋକେ ନୁହେଁ ବରଂ ଠିକାଦାର ମାନଙ୍କୁ ଅନୁକଂପା ଦେଖାଇବାକୁ ଯାଇ ବିଜେଡି ସରକାର ପ୍ରକଳ୍ପର ସମୟସୀମା ବଢାଇ ନିର୍ବାଚନ ପାଇଁ ପାଣ୍ଠି ସଂଗ୍ରହ କରିବାରେ ଲାଗିଛନ୍ତି ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

୨୦୦୦ ମସିହାରୁ ରାଜ୍ୟ ଜଳସେଚନ ବଜେଟ୍ ୮୫୦ କୋଟିରୁ ବୃଦ୍ଧି ପାଇ ୧୦ହଜାର କୋଟିରେ ପହଂଚିଲାଣି । ପ୍ରକଳ୍ପର ବ୍ୟୟବରାଦ ଅର୍ଥ ୧୦ ଗୁଣ ବଢିଥିବା ବେଳେ ଜଳସେଚନ ପ୍ରକଳ୍ପ ମାତ୍ର ୪୦ ପ୍ରତିଶତ ବଢିଛି । ରାଜ୍ୟରେ ଯେତିକି ଜଳସେଚନ ଅଛି ତାହା ଉପରେ ୨୫ ପ୍ରତିଶତ କରିବା ପାଇଁ ୨୦୦୦ ମସିହାରେ ବିଜେଡି ତାର ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରିଥିଲା । ସେହିପରି ୨୦୦୪ ମସିହାରେ ୨୫ ପ୍ରତିଶତ , ୨୦୦୯ ମସିହାରେ ୩୫ ପ୍ରତିଶତ ଏବଂ ୨୦୧୪ ମସିହାରେ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇଦେବାର ପ୍ରତିଶ୍ରୁତି ଦେଇଚାଲିଛନ୍ତି । ବାସ୍ତବରେ ଆଜି ପର୍ଯ୍ୟନ୍ତ କେବଳ ୧୮ ପ୍ରତିଶତ ଜମିରେ ଜଳସେଚନ ହୋଇପାରିଛି । ବିଜେଡି ସରକାର କେବଳ ଘୋଷଣା ସର୍ବସ୍ୱ ସରକାର । ହୀନ ଓ ଶସ୍ତା ରାଜନୀତି କରିବାରେ ମୁଖ୍ୟମନ୍ତ୍ରୀ ପୂରା ସିଦ୍ଧହସ୍ତ । ଆଗାମୀ ଦିନରେ ରାଜ୍ୟବାସୀ ଏହି ମିଥ୍ୟା ପ୍ରତିଶ୍ରୁତିର ଉଚିତ୍ ଜବାବ ଦେବେ । ଏଥି ସହ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆଉ ନୂଆ ସ୍ୱପ୍ନ ନଦେଖାଇ ୧୯ ବର୍ଷରେ କ'ଣ କରିଛନ୍ତି ତା'ର ହିସାବ ରାଜ୍ୟବାସୀଙ୍କୁ ଦିଅନ୍ତୁ ବୋଲି ଡ.ସାମନ୍ତସିଂହାର ଦାବି କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**